# ଜିଲ୍ଲା ସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ।

ଅନୁଗୋଳ ୨୪.୧ :- ଶିଶୁ ମାନଙ୍କର ଯତ୍ନ ଓ ସୁରକ୍ଷା ନିମନ୍ତେ ଜାତୀୟ ଶିଶୁ କନ୍ୟା ସନ୍ତାନ ଦିବସ ୨୦୨୦ ଆଜି ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତାଲିମ ଗୃହଠାରେ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଅମରେନ୍ଦ୍ର ନାଥ ମହାନ୍ତି ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିବା ସହ ଚଳିତ ବର୍ଷର ବାର୍ତ୍ତା "କନ୍ୟା ଶକ୍ତି ଅବର୍ଣ୍ଣନୀୟ ଏବଂ ଅଦମ୍ୟ" ଉପରେ ଆଲୋକପାତ କରଥିଲେ । କନ୍ୟା ସନ୍ତାନର ମହତ୍ୱକୁ ଅନୁଭବ କରିବା ସହ ସେମାନଂକର ଗୁରୁତ୍ୱକୁ ଉପଲବ୍ଧି କରିବାର ବାର୍ତ୍ତା ସମସ୍ତଂକ ନିକଟରେ ପହଂଚିବା ଆବଶ୍ୟକ ବୋଲି ସେ କହିଥିଲେ । ବିଜ୍ଞାନର ଅପବ୍ୟବହାର କରି କନ୍ୟା ଜନ୍ମ ହେବା ଆଗରୁ ତାକୁ ମରଣ ମୁହଁକୁ ଠେଲି ଦିଆଯାଉଛି, ଏଥିପାଇଁ ସମାଜର ଅସ୍ୱାଭାବିକ ମାନସିକତା ଦାୟି ବୋଲି ସେ ପ୍ରକାଶ କରିଥିଲେ । ଏହାର ପରିଣାମରେ ଲିଙ୍ଗ ଅନୁପାତ କମିଯାଉଛି ତେଣୁ ଏହାର ଭୟାବହତାକୁ ଅନୁଭବ କରି ସମସ୍ତେ ସଚେତନ ହେବା ଆବଶ୍ୟକ । ସାମାଜିକ ସନ୍ତୁଳନ ରକ୍ଷା କରିବା ପାଇଁ ଲିଙ୍ଗଗତ ଭେଦକୁ ଦୂର କରି ଶିଶୁ କନ୍ୟାକୁ ସୁରକ୍ଷା ପ୍ରଦାନ କରିବା ସହ ଉଚିତ ଶିକ୍ଷା ଓ ସମ୍ମାନ ପ୍ରଦାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପରିତ୍ୟକ୍ତ ଶିଶୁମାନଂକର ଯତ୍ନ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା baby cradle system ସମ୍ପର୍କରେ ମଧ୍ୟ ସେ ଆଲୋକପାତ କରିଥିଲେ । ଜାତୀୟ ଶିଶୁକନ୍ୟା ସନ୍ତାନ ଦିବସ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଶରଧାପୁର ବ୍ଲକର ଦୁର୍ଗମ ଅଞ୍ଚଳ ବେତର ଗାଁରେ ଶିକ୍ଷାର ଆଲୋକ ଆଣିଥିବା ରଶ୍ମିତା ପ୍ରଧାନ, ନୃତ୍ୟଶିଳ୍ପୀ ସାଇଶ୍ରୀ ପାଢ଼ୀ, ଅଦମ୍ୟ ସାହସୀ କନ୍ୟା ସର୍ପମିତ୍ର ନିହାରିକା ମହାପାତ୍ର ଓ ଓଡିଶୀ ନୃତ୍ୟଶିଳ୍ପୀ ହ୍ରିଶିତା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ପି ସି ପି.ଏନ୍.ଡି.ଟି ପରିଚାଳକ ଶ୍ରୀ ପର୍ଶୁରାମ ପଣ୍ଡା ଏହି ଦିବସ ପାଳନ ଉପଲକ୍ଷେ ଶପଥ ପାଠ କରାଇବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ବିଶ୍ୱ ରଂଜନ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ବିଭିନ୍ନ ମହିଳା ସ୍ୱାସ୍ଥ୍ୟ କର୍ମୀ, ଏସ୍.ଏଚ୍.ଜିର କର୍ମକର୍ତ୍ତା ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ ।




Vivo V15
AI Triple Camera


बेटी बचाओ
Save the girl child
ଶିଶୁ କନ୍ୟା ସନ୍ତାନ ଦିବସ- ୨୦୨


ଜିଲ୍ଲା ପ୍ରଶିକ୍ଷଣ କେନ୍ଦ୍ର
DISTRICT TRAINING UNIT
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଅନୁଗୋଳ
Vivo V15
AI Triple Camera